GOVERNMENT OF ORISSA

ଓଡ଼ିଶା ସରକାର

# THE ORISSA (NON-TRADING) COMPANIES ACT, 1959 (ORISSA ACT 5 OF 1960)

## ଓଡ଼ିଶା ଅବ୍ୟାପାରିକ କଂପାନି ଅଧିନିୟମ, ୧୯୫୯

୧୯୬୦ ର ଅଧିନିୟମ ୫

LAW DEPARTMENT

ବିଧି ବିଭାଗ

[ *Price—Re. 0·30* ]

# ୧୯୭୦ର ଓଡ଼ିଶା ଅଧିନିୟମ ୫

## ସୂଚୀପତ୍ର


ଉଦ୍ଦେଶିକା

ଧାରାବଳୀ

୧ । ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

୨ । ସଂଜ୍ଞା ।

୩ । ୧୯୫୭ର ଅଧିନିୟମର ୧ ର ପ୍ରୟୋଗ ।

୪ । ୧୯୧୩ର ଅଧିନିୟମ ୭ ଧାରା ୨୮୯ (କ) ର ନିରସନ ।

# ୧୯୬୦ର ଓଡ଼ିଶା ଅଧିନିୟମ ୫

## ଓଡ଼ିଶା (ଅବ୍ୟାପାରିକ) କଂପାନି ଅଧିନିୟମ, ୧୯୫୯

( ୨୦ ଜାନୁୟାରୀ ୧୯୬୦ରେ ରାଜ୍ୟପାଳଙ୍କ ସନ୍ମତି ପ୍ରାପ୍ତ, ୩ ଫେବ୍ରୁୟାରୀ ୧୯୬୦ର ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂଖ୍ୟାରେ ପ୍ରଥମେ ପ୍ରକାଶିତ । )

ଯେଉଁ କମ୍ପାନୀ ଗୁଡ଼ିକ ଅବ୍ୟାପାରିକ ନିଗମ, ସେହି କଂପାନୀଗୁଡ଼ିକ ସମ୍ପର୍କୀୟ ଏକ ଅଧିନିୟମ ।

ଯେହେତୁ ଓଡ଼ିଶା ରାଜ୍ୟ ପ୍ରତି ଉଦ୍ଦେଶ୍ୟ ସୀମିତ ଥିବା ଅବ୍ୟାପାରିକ ନିଗମଗୁଡ଼ିକର ରେଜିଷ୍ଟ୍ରି-କରଣ ନିମିତ୍ତ ଏହାପରେ ଦିଆଯାଇଥିବା ରୀତିରେ ଉପବନ୍ଧିତ କରିବା ସମୀଚୀନ ଅଟେ; ତେଣୁ ଏତଦ୍ଵାରା ଭାରତ ଗଣରାଜ୍ୟର ଦଶମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନ ମଣ୍ଡଳ ଦ୍ଵାରା ନିମ୍ନମତେ ଅଧିନିୟମିତ ହେଲା ।

ନାମ, ... ଓ ପ୍ରାରମ୍ଭ ।

୧ । (୧) ଏହି ଅଧିନିୟମକୁ ଓଡ଼ିଶା (ଅବ୍ୟାପାରିକ) କଂପାନୀ ଅଧିନିୟମ, ୧୯୫୯ ବୋଲି-ଯାଇପାରେ ।

(୨) ଏହା ସମସ୍ତ ଓଡ଼ିଶା ପ୍ରତି ବିସ୍ତୃତ ।

(୩) ଏହି ଅଧିନିୟମ ୧୯୫୬ ଏପ୍ରିଲ ପହିଲାଦିନ ପ୍ରବୃତ୍ତ ହୋଇଅଛି ବୋଲି ବିବେଚିତ ହେବ ।

(୪) ଏହା ଏହି ଅଧିନିୟମର ଧାରା ୨ ରେ ସଜ୍ଞାକୃତ ହୋଇଥିବା ମତେ ଏକ କଂପାନୀ ପ୍ରତି ପ୍ରଯୁଜ୍ୟ ।

୨ । ଏହି ଅଧିନିୟମରେ "ଏକ କମ୍ପାନୀ" ଅର୍ଥ ଏହି ଅଧିନିୟମ ଅଧୀନରେ ଗଠିତ ଏବଂ ରେଜିଷ୍ଟ୍ରିକୃତ ଏକ କମ୍ପାନୀ କିମ୍ବା କଂପାନୀ ଅଧିନିୟମ, ୧୯୫୬ର ଧାରା ୩ର ଉପଧାରା (୧)ର ୧୯୫୬ର ଖଣ୍ଡ (୳) ରେ ବିନିର୍ଦ୍ଦିଷ୍ଟ କୌଣସି ପୂର୍ବବର୍ତ୍ତୀ କଂମ୍ପାନୀ ବିଧି ଅଧୀନରେ ଗଠିତ ଅଧିନିୟମ ୧ ଓ ରେଜିଷ୍ଟ୍ରିକୃତ ଏକ ବିଦ୍ୟମାନ କମ୍ପାନୀ ; ଏବଂ

(୲) ଯାହାର ତାହାର ଉଦ୍ଦେଶ୍ୟର ପରିସରରେ ଓଡ଼ିଶା ରାଜ୍ୟ ପ୍ରତି ସୀମିତ ; ଏବଂ

(୳) ଯାହାକି ଭାରତ ସଂବିଧାନର ସପ୍ତମ ଅନୁସୂଚୀର ତାଲିକା ୨ର ପ୍ରବିଷ୍ଟି ୩୨ର ଅର୍ନ୍ତଗତ ଏକ ଅବ୍ୟାପାରିକ ନିଗମ ।

...୬ର ଅଧିନିୟମର ପ୍ରୟୋଗ ।

୩ । କଂପାନୀ ଅଧିନିୟମ, ୧୯୫୬ର ଉପବନ୍ଧ ଗୁଡ଼ିକ ଯେତେ ଦୂର ସମ୍ଭବ, ଏହି ଅଧିନିୟମ ଯେଉଁ କଂମ୍ପାନୀ ଗୁଡ଼ିକୁ ପ୍ରଯୁଜ୍ୟ ସେହି କମ୍ପାନୀ ଗୁଡ଼ିକର ନିଗମନ, ବିନିୟମନ ଓ ପରିସମାପନ ପ୍ରତି ପ୍ରଯୁଜ୍ୟ ହେବ । ୧୯୫୬ର, ଅଧିନିୟମ ୧

ପରନ୍ତୁ ଉକ୍ତ ଅଧିନିୟମ ଦ୍ଵାରା କେନ୍ଦ୍ର ସରକାରଙ୍କୁ ପ୍ରଦତ୍ତ କ୍ଷମତା ରାଜ୍ୟ ସରକାରଙ୍କ ଦ୍ଵାରା ପ୍ରଯୋଜ୍ୟ ହେବ ଏବଂ ପ୍ରୟୋଗ କରାଯାଇ ପାରିବ ।

...୩ର ଅଧିନିୟମ ଧାରା ୨୮୯-...ର ନିରସନ ।

୪ । ରାଜ୍ୟ ପ୍ରତି ଉଦ୍ଦେଶ୍ୟ ସୀମିତ ଥିବା ଅବ୍ୟାପାରିକ ନିଗମଗୁଡ଼ିକ ସଂପର୍କରେ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରୁଥିବା ଭାରତୀୟ କମ୍ପାନୀ ଅଧିନିୟମ, ୧୯୧୩ର ଧାରା ୨୮୯ (କ) ଏତଦ୍ଵାରା ନିରସିତ ହେଉଅଛି । ୧୯୧୩ର ଅଧିନିୟମ ୭

OGP-MP-IX—Law—15—1,000—14-12-1976